ଶନିବାର, ୧୨ ଜୁଲାଇ, ୨୦୨୫

# ପିଲାଙ୍କ ଧରିତ୍ରୀ




## ଖିଲି ଖିଲି ହସ

ଘର ବାହାରେ ଜଣେ ବାବା ଡାକୁଥାନ୍ତି କ'ଣ ଦାନ ଦିଅ ମା' ଭଗବାନ ତୁମର ମଙ୍ଗଳ କରିବେ।

ଜଣେ ମହିଳା ହାତରେ ଫଳ ଧରି ଦାନ ଦେବାକୁ ଆସିଲେ। ଫଳ ଦେଖି ବାବାଙ୍କ ପାଟିରୁ ଲାଳ ବାହାରିଲା।

ମହିଳା– ବାବା ତୁମ ପାଟିରୁ କ'ଣ ଲାଳ ବାହାରୁଛି ?

ବାବା : ଇଏ ତ କିଛି ନୁହେଁ ମା', ମୋ ପାଟିରୁ ତ ଗଙ୍ଗା ବାହାରେ।

ମହିଳା: ବାବା ଟିକେ ଅପେକ୍ଷା କର ମୁଁ ଆସୁଛି।

ମହିଳା ଜଣକ କିଛି ପାଉଁଶ ଆଣି ବାବାଙ୍କ ପାଟିରେ ପୂରାଇଦେଲେ।

ବାବା: ଏ କ'ଣ କରୁଛ ?

ମହିଳା: ଏ ମୋ ଶାଶୁଙ୍କ ଅସ୍ଥି ପାଉଁଶ।

ବାବା : ଏକଥା ଶୁଣି ପାଟିରୁ ପାଉଁଶ ସବୁ କାଢ଼ି ଦୌଡ଼ିବାକୁ ଲାଗିଲେ।

(ଜଣେ ରୋଗୀ ଡାକ୍ତରଙ୍କ ନିକଟକୁ ଗଲେ)

ଡାକ୍ତର: ମୁଁ ତୁମକୁ କିଛି ଔଷଧ ଦେବି, ଯାହାକୁ ଖାଇଲେ ତୁମେ ପୂରା ଠିକ୍ ହୋଇଯିବ।

ରୋଗୀ: ଏ ଔଷଧ ତ ସବୁ ଦାମୀ ସାର୍, ମୁଁ ତ ଯାହାକୁ କିଣିପାରିବି ନାହିଁ।

ଡାକ୍ତର: ତେବେ ତୁମେ ଟଙ୍କା ଛଡ଼ା ମୋତେ କ'ଣ ଦେଇପାରିବ ?

ରୋଗୀ: ସାର୍, ମୁଁ କବର ଖୋଳିବା କାମ କରେ, ଆପଣଙ୍କ କବର ଫ୍ରିରେ ଖୋଳି ଦେଇପାରିବି।

# ପରିଶ୍ରମର ଫଳ ମିଠା

## ଗପ

ଦଶମ ଶ୍ରେଣୀ ପରୀକ୍ଷାଫଳ ବାହାରିଲା। ରାଜୁକୁ ଛାଡ଼ି ତା' ସାଙ୍ଗମାନେ ସମସ୍ତେ ପାସ୍ କଲେ। ରାଜୁ ପରୀକ୍ଷାରେ ଫେଲ୍ ହେବା ଜାଣି ବହୁତ ମନଦୁଃଖ କଲା। ଦିନଯାକ କିଛି ଖାଇଲା ନାହିଁ। ଘରେ ମନମାରି ଖାଲି ଶୋଇଲା। ରାଜୁର ମା' ଆସି ତା' ପିଠି ଥାପୁଡ଼େଇ କହିଲେ– ଆରେ ରାଜୁ! ମନକୁ ମାରି କାହିଁକି ଶୋଇଛୁ ? ଯାହା ଘଟିବାର ଥିଲା ଘଟିଲା। ଏଥିରେ ଦୁଃଖ କରି ଲାଭ କ'ଣ ? ରାଜୁ କାନ୍ଦି କାନ୍ଦି କହିଲା– ମା'! ମୁଁ ପରୀକ୍ଷାରେ ଫେଲ୍ ହୋଇଛି ବୋଲି ମୋ ସାଙ୍ଗମାନେ ମୋତେ ମାଟ୍ରିକ୍ ଫେଲ୍ କହି ଚିଡ଼ାଉଛନ୍ତି। ରାଜୁର ମା' ରାଜୁକୁ ସାନ୍ତ୍ୱନା ଦେଇ କହିଲେ– ଦେଖିଲୁ! କେବଳ ତୋ ଭୁଲ୍ କାମ ଯୋଗୁ ଆଜି ତୋତେ ଏତେକଥା ଶୁଣିବାକୁ ପଡ଼ିଲା। ତୁ ଆମ କଥାକୁ କ'ଣ ଥରେ ଶୁଣିଲୁ? ଆମ କଥାକୁ ମାନିଲୁ ? ସବୁବେଳେ ଜିଦ୍ ଧରି ମୋବାଇଲ ଦେଖିଲୁ। ପାଠ ପଢ଼ିବା ନାଁ ଧରିଲୁ ନାହିଁ। ତୋ ସାଙ୍ଗମାନେ ଦିନରାତି କଠିନ ପରିଶ୍ରମ କରି ପାଠ ପଢ଼ିଲେ। ଭଲ ମାର୍କ ରଖି ପାସ୍ କଲେ। ତୁ ମନ ଦେଇ ପାଠ ପଢ଼ିଲୁ ନାହିଁ ବୋଲି ଫେଲ୍ ହେଲୁ। ହଉ, ମନ ଊଣା ନ କରି ଖାଇବୁ ଆ।

ସନ୍ଧ୍ୟା ହେଲା। ରାଜୁ ପରୀକ୍ଷାରେ ଫେଲ୍ ହୋଇଛି ବୋଲି ସେ ଯେମିତି ମନ ଦୁଃଖ ନ କରିବ ଓ ସାଙ୍ଗସାଥୀଙ୍କ କଥାକୁ ଅଲଗା ଭାବି କିଛି ଯେମିତି ନ କରିବ ସେଥିପାଇଁ ରାଜୁର ବାପା ରାଜୁପାଇଁ ନୂଆ ଶାର୍ଟ ଓ ପ୍ୟାଣ୍ଟ ହଳେ ଆଣି ଆସିଲେ। ଏହା ସହିତ ରାଜୁର ମନ ପସନ୍ଦ ଖାଇବା ଜିନିଷ ବି ଆଣିଥିଲେ। ରାଜୁର ଖୁସି ପାଇଁ ଘରେ ଗୋଟେ ଉତ୍ସବ ପାଳନ କରାଗଲା। ରାଜୁର ଖୁସି କହିଲେ ନ ସରେ। ତା' ସବୁ ସାଙ୍ଗମାନଙ୍କୁ ଘରକୁ ଡାକିଲା। ମୁନା, କୁନା, ଲୁନା, ବାପୁନା ସାଙ୍ଗମାନେ ସମସ୍ତେ ଆସିଲେ। ଖୁସିରେ କେକ୍ କାଟିଲେ।

ତହିଁ ଆରଦିନ ରାଜୁ ତା' ମା'ର ପାଦ ଛୁଇଁ ଶପଥ କରି କହିଲା – ମୁଁ ଆଉ ଏଣିକି ମୋବାଇଲ ଜମା ଛୁଇଁବି ନାହିଁ। ଆଜି ମୋ ନିଜ ଭୁଲ୍ ମୁଁ ନିଜେ ବୁଝି ପାରିଛି। ଅଳସୁଆ ହେଲେ କ'ଣ ଫଳ ମିଳେ ଆଉ କଠିନ ପରିଶ୍ରମ କଲେ କ'ଣ ଫଳ ମିଳେ ମୁଁ ଜାଣି ପାରିଲି। ପାଠ ପଢ଼ାକୁ ଧ୍ୟାନ ଦେଇ କଠିନ ପରିଶ୍ରମ କରିବି। ତା' ପର ଠାରୁ ରାଜୁ ମନ ଲଗାଇ ପାଠ ପଢ଼ିଲା। ଦୁଇ ମାସ ପରେ ସପ୍ଲିମେଣ୍ଟାରି ପରୀକ୍ଷା ଦେଲା। ଶତକଡ଼ା ନବେ ଭାଗ ମାର୍କ ରଖି ମାଟ୍ରିକ ପାସ୍ କଲା। ରାଜୁର ଦୃଢ଼ ଇଚ୍ଛାଶକ୍ତି ଦେଖି ବହୁତ ଖୁସି ହୋଇଗଲେ ରାଜୁର ବାପା ମା'। କହିଲେ କଠିନ ପରିଶ୍ରମର ଫଳ କେବେ ବ୍ୟର୍ଥ ଯାଏନି।



**– ରମେଶ ପ୍ରସାଦ ମେହେର**
ବାବୁସାହି, ବୌଦ୍ଧ
ମୋ: ୯୯୩୮୬୦୮୧୫୮

# ସୁଇଟ୍ କ୍ୟାପିଟାଲ



ଅନ୍ୟ ଦେଶ ତୁଳନାରେ ଭାରତୀୟ ଲୋକେ ମିଠାକୁ ଖୁବ୍ ପସନ୍ଦ କରନ୍ତି। ଏଥିପାଇଁ ଭିନ୍ନ ଭିନ୍ନ ସହରରେ ବିଭିନ୍ନ ପ୍ରକାରର ମିଠା ତିଆରି ହୁଏ। କିନ୍ତୁ ଆମ ଦେଶରେ ଏମିତି ଏକ ସ୍ଥାନ ଅଛି ଯାହାକୁ ସୁଇଟ୍ କ୍ୟାପିଟାଲ କୁହାଯାଏ। ଏହି ସହରଟି ହେଉଛି ପଶ୍ଚିମବଙ୍ଗର କୋଲକାତା। ଏଠାରେ ବହୁତ ପ୍ରକାରର ସ୍ୱାଦିଷ୍ଟ ମିଠା ତିଆରି ହୁଏ। ରସଗୋଲା, ରସମଲାଇ, ଚମ୍‌ଚମ୍, ରାଜଭୋଗ, ନୋଲମ ଗୁଡ ସନ୍ଦେଶ, କୋରାପେକ୍ ଆଦି ବିଭିନ୍ନ ପ୍ରକାର ମିଠାର ଯାଦୁ ଦେଶ ବିଦେଶରେ ବି ପ୍ରଶଂସିତ ହୋଇପାରିଛି। ଇଂରେଜ ଶାସନ ସମୟରୁ ଏଠାରେ ମିଠା ତିଆରି ହୋଇ ଆସୁଛି। ଭାରତୀୟ ପରମ୍ପରା ସହିତ ୟୁରୋପୀୟ ବେକେରିର ସମ୍ମିଶ୍ରଣ ହୋଇ ଏଠାରେ ବିଭିନ୍ନ ପ୍ରକାର ମିଠା ତିଆରି ଆରମ୍ଭ ହୋଇଥିଲା, ଯାହା ଆଜି ବି ଖୁବ୍ ଲୋକପ୍ରିୟ ହୋଇପାରିଛି। ଅନ୍ୟସବୁ ସହରରେ କିଛି ସ୍ୱତନ୍ତ୍ର ମିଠାକୁ ନେଇ ପରିଚୟ ରହିଥାଏ, କିନ୍ତୁ ଏଠାରେ ବିଭିନ୍ନ ପ୍ରକାରର ମିଠା ମିଳିଥାଏ। ଯେମିତି ଓଡ଼ିଶାରେ ପାହାଳ ରସଗୋଲା, ସାଲେପୁର ରସଗୋଲା, କେନ୍ଦ୍ରାପଡା ରସାବଳୀ, ଭୁବନେଶ୍ୱର କୋରାଖଇ ଆଦିର ସ୍ୱତନ୍ତ୍ର ପରିଚୟ ରହିଛି ସେମିତି ରାଜ୍ୟ ବାହାରେ ମଥୁରା ପେଡା, ମୈସୁର ପାକ୍, କାନପୁରର ବୁନ୍ଦି ଲଡୁ, ଆଗ୍ରାର ପେଠା, ପୁଣେର ପୁରନ ପୋଲି ଆଦି ମିଠାର ଆକର୍ଷଣ ସ୍ୱତନ୍ତ୍ର।

## ଘାତାଘାତ

▶▶ ବାହୁଡାଯାତ୍ରାକୁ ଗଲେ ରାଜା କନ୍ଦ୍ରେଶ୍ୱର ପାଠଟିରୁ କିଛି କଥା ଜାଣିବାକୁ ମିଳିଲା।

**– ସୋମେଶ ନାୟକ, ଚାନ୍ଦବାଲି, ଭଦ୍ରକ**

▶▶ ଆଇନାରେ ପ୍ରକାଶିତ ଫଟୋ ସୁନ୍ଦର ହେଉଛି।

**– ଦିନେଶ ମହାନ୍ତି, ଅନୁଗୋଳ**

▶▶ କବିତାରେ ବାହୁଡା ରଥରେ କଳାଠାକୁର, ଅନ୍ତରଆତ୍ମାରେ ତୁମେ, ଢ଼ାଳିଦେ ବରଷା ଜଳ ମନଛୁଆଁ ହୋଇଥିଲା।

**– ରାହୁଲ ପରିଡ଼ା, ମୟୂରଭଞ୍ଜ**

▶▶ ଜଣାଅଜଣାରେ 'ବଗନୁହେଁସେଗେଣ୍ଡାଳିଆ, ପାଞ୍ଚଟିରଙ୍ଗରଫ୍ଲାଗ୍ ଏବଂ ଫାଇଟର ଜେଟ୍' ସମ୍ବନ୍ଧରେ କେତେକ ତଥ୍ୟ ବିଷୟରେ ସୂଚନା ମିଳିଲା।

**– ବିଜେଶ ମଲ୍ଲିକ୍, ସୋମପୁର, କଟକ**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ସଞ୍ଚୟ

ପିଲାମାନେ ପାଠ ପଢ଼ିବା ବ୍ୟତୀତ ଆଉ ଏକ ଦିଗ ପ୍ରତି ଦୃଷ୍ଟି ଦେଲେ ତାହା ସେମାନଙ୍କର ଭବିଷ୍ୟତ ପାଇଁ କାମରେ ଆସିଥାଏ। ତାହା ହେଲା ସଞ୍ଚୟ। ଏହା ସହ ଥରେ ଜଡ଼ିତ ହେଲେ ତାହା ପରବର୍ତ୍ତୀ ସମୟରେ ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ । ଏ ବିଷୟରେ ପିଲାମାନେ କିପରି ଜାଣିବେ ସେ ସମ୍ପର୍କରେ ସୂଚନା ....

ପିଲାଙ୍କୁ ଟଙ୍କାର ମୂଲ୍ୟ ବୁଝିବା ପାଇଁ ଟିକେ ସମୟ ଲାଗିଥାଏ। ପ୍ରତିଦିନ ଯଦି ସେମାନେ ଛୋଟଛୋଟ ସଞ୍ଚୟ ଆରମ୍ଭ କରିବେ ତେବେ ଭବିଷ୍ୟତରେ ଟଙ୍କାର ମୂଲ୍ୟ ବୁଝିପାରିବେ। ସଞ୍ଚୟ କରିବା ହେଉଛି ଏକ କଳା। କମ୍ ବୟସରୁ ପିଲାଟିଏ ଯଦି ଏଥିପ୍ରତି ଆଗ୍ରହ ରଖେ, ତେବେ ତାହା ଭବିଷ୍ୟତରେ ଏକ ଅଭ୍ୟାସରେ ପରିଣତ ହୋଇପାରିବ। ଯେତେଶୀଘ୍ର ପିଲାମାନେ ଉପଯୁକ୍ତ ଉପାୟରେ ଟଙ୍କାଖର୍ଚ୍ଚ କରିବା ଶିଖିପାରିବେ ସେତେ ଭଲ। ଆଜିର ସମୟରେ ଖର୍ଚ୍ଚ ବହୁତ ବଢ଼ିଗଲାଣି। ଟଙ୍କା କେଉଁଠୁ ଆସୁଛି, କିପରି ଖର୍ଚ୍ଚ ହେଉଛି ଏହା ଜାଣିବା ଦ୍ୱାରା ଭବିଷ୍ୟତ ସମ୍ଭାଳିବାରେ ସକ୍ଷମ ହୋଇପାରିବେ। ପିଲାମାନେ କିପରି ସଞ୍ଚୟ ପ୍ରତି ଆକର୍ଷିତ ହେବେ, ସେ ନେଇ ଟିପ୍ସ...

- ସାଧାରଣତଃ ଛୋଟ ପିଲା ପିଗି ବ୍ୟାଙ୍କ ପ୍ରତି ଆକର୍ଷିତ ହୋଇଥାଆନ୍ତି। ପିଲାମାନେ ଏଥିରେ କିଛି କିଛି ଟଙ୍କା ପକାଇଥାଆନ୍ତି। ଏହା ନିଶ୍ଚୟ ଏକ ଭଲ ଅଭ୍ୟାସ। ଯେତେବେଳେ ସେ ନିଜେ କିଛି ଟଙ୍କା ଜମା କରି ନିଜର ଜିନିଷ କିଣିଥାନ୍ତି, ସେତେବେଳେ ସଞ୍ଚୟ କରିବାର ଆଶା ତାଙ୍କ ମନରେ ଆହୁରି ସୃଷ୍ଟି ହୋଇଥାଏ।
- ପିଲାମାନେ ଅଯଥା ଟଙ୍କା ଖର୍ଚ୍ଚ ନ କରି ସଞ୍ଚୟ କରିପାରିବେ। ବଡ଼ ହେଲେ ସେ ଧୀରେ ଧୀରେ ଏ ବିଷୟରେ ବୁଝିଯାଇଥାନ୍ତି। କାରଣ ଏହାର ମହତ୍ତ୍ୱ ଜାଣିବା ପରେ ଅଧିକରୁ ଅଧିକ ସଞ୍ଚୟ କରିବାକୁ ଚେଷ୍ଟା କରନ୍ତି।
- କେତେକ ପିଲା ଦାନ ଧର୍ମ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। ସେମାନେ ଏଥିରୁ କିଛି ଟଙ୍କା ସେ ଦିଗରେ ଖର୍ଚ୍ଚ କରିପାରିବେ।
- ସଞ୍ଚୟ କରିବା ପୂର୍ବରୁ ଏ ବିଷୟରେ ସେମାନେ ଜାଣିବା ଦରକାର। ଏହାଦ୍ୱାରା ଭବିଷ୍ୟତରେ ସେ କ'ଣ ଉପକାର ପାଇପାରିବ ତାହା ଜାଣିପାରିଲେ ଦିନକୁ ଦିନ ଏ ନେଇ ତା' ମନରେ ଅଧିକ ଆଗ୍ରହ ସୃଷ୍ଟି ହେବ।
- କେତେକ ସଞ୍ଚୟ କରିଥିବା ଅର୍ଥକୁ ଶୀଘ୍ର ଖର୍ଚ୍ଚ କରିବାକୁ ଚାହିଁ ଥାଆନ୍ତି। ଏହାଦ୍ୱାରା ସେମାନଙ୍କ ମନରେ ଖର୍ଚ୍ଚ କରିବା ପ୍ରତି ଆଗ୍ରହ ଅଧିକ ସୃଷ୍ଟି ହୁଏ। ଏପରି ବି ସମୟ ଆସେ, ଯେତେବେଳେ ସେମାନେ ସଞ୍ଚିତ ଅର୍ଥକୁ କିଛି ଦିନ ଭିତରେ ପୁରା ଖର୍ଚ୍ଚ କରିଦେଇଥାଆନ୍ତି। ତେଣୁ ପିଲାମାନେ ଏଭଳି ଅଭ୍ୟାସ ବଦଳାଇବା ଦରକାର। ଯେତେବେଳେ କିଛି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଟଙ୍କାର ଆବଶ୍ୟକତା ପଡୁଛି, ତେବେ ସେମାନେ ସଞ୍ଚିତ ଅର୍ଥରୁ କିଛି ଖର୍ଚ୍ଚ କରିପାରନ୍ତି।
- ସଞ୍ଚୟ କରିବା ଲାଗି ପିଲାମାନଙ୍କ ପାଇଁ ବ୍ୟାଙ୍କ ଏବଂ ପୋଷ୍ଟ ଅଫିସରେ ଆକାଉଣ୍ଟ ଖୋଲିବାର ସୁଯୋଗ ରହିଛି। ଏହାର ମଧ୍ୟ ସଦୁପଯୋଗ କରିପାରିବେ।
- ସଞ୍ଚୟ କରିବାର ମନୋଭାବ ସବୁବେଳେ ରହିଲେ ତାହା ସେମାନଙ୍କୁ ଏଥିପ୍ରତି ଆହୁରି ଆକର୍ଷିତ କରିଥାଏ।
- ପିଲାମାନେ ଯଦି କିଛି ସଞ୍ଚୟ କରିବା ଆରମ୍ଭ କରୁଛନ୍ତି, ତାହା ଏକ ଭଲ ଅଭ୍ୟାସ। ସେ ବିଷୟରେ ଏଣୁତେଣୁ ଚିନ୍ତା କରନ୍ତୁ ନାହିଁ। କାରଣ ସେମାନେ ଯାହା କିଛି ସଞ୍ଚୟ କରୁଛନ୍ତି ତାହା ଦରକାର ସମୟରେ ନିଶ୍ଚୟ କାମରେ ଆସିବ। ସେହି ସମୟରେ ସେମାନେ ସଞ୍ଚୟର ମହତ୍ତ୍ୱ ଉପଲବ୍ଧି କରିପାରିବେ।
- ସଞ୍ଚୟ କରିବା ଦ୍ୱାରା ମନରେ ଏକ ସ୍ୱାବଲମ୍ବୀ ଭାବନା ଆସିଥାଏ। ଏହାଦ୍ୱାରା ପିଲା ବଡ ହେଲା ପରେ ନିଜର ଯତ୍ନ ନେବା ସହିତ ପରିବାରର ଯତ୍ନ ଭଲ ଭାବେ ନେଇପାରିବେ। ଏଥିରେ ଟିକେ ହେଲେ ବି ସନ୍ଦେହ ନାହିଁ।



## ଏମାନେ କ'ଣ କରନ୍ତି..

### ସଞ୍ଚୟ ଅଭ୍ୟାସ ଜାରି ରଖିଛି



ଥରେ ସ୍କୁଲରେ ମୋର ଜଣେ ସାଙ୍ଗ ମୋତେ ସଞ୍ଚୟ ବିଷୟରେ ସୂଚନା ଦେଇଥିଲା। ତା'ପରେ ମୁଁ ଏ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କରିଥିଲି। ଧୀରେ ଧୀରେ ମୋ ପକେଟ୍ ମନିରୁ କିଛି ଟଙ୍କା ପିଗି ବ୍ୟାଙ୍କରେ ପକାଇଲି। ତା'ପରେ ଦେଖିଲି ଏଥିପ୍ରତି ମୋର ଆଗ୍ରହ ବୃଦ୍ଧି ପାଉଛି। ବାସ୍, ତା'ପରେ ପ୍ରତି ମାସରେ ମୋତେ ଯାହା କିଛି ଟଙ୍କା ମିଳେ, ତାହାକୁ ମୁଁ ପିଗି ବ୍ୟାଙ୍କରେ ପକାଇଥାଏ। କାରଣ ମୁଁ ଜାଣିଛି ଏହା ଭବିଷ୍ୟତରେ ମୋତେ କୌଣସି ନା କୌଣସି କାମରେ ଆସିବ।

– **ଯୋଗେଶ୍ୱର ସାହୁ,** କ୍ଲାସ-୯, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ, ପୁରୀ


### ସଞ୍ଚୟର ମହତ୍ତ୍ୱ ବୁଝିପାରିଛି




ସଞ୍ଚୟର ଅସଲ ମହତ୍ତ୍ୱ ବୁଝିବା ପରେ ସେଥିପ୍ରତି ଆକର୍ଷିତ ହୋଇଥିଲି। ଏକଦା ମୋତେ ଖର୍ଚ୍ଚ ପାଇଁ ମିଳିଥିବା କିଛି ଟଙ୍କାରୁ ମୁଁ ସଞ୍ଚୟ କରିବା ଆରମ୍ଭ କରିଥିଲି। ଏପରିକି ଗତ କିଛି ବର୍ଷ ଭିତରେ ମୋ ପିଗି ବ୍ୟାଙ୍କରେ ଯାହା ସଞ୍ଚୟ କରିଥିଲି, ତାହାକୁ ଏକତ୍ର କରି ନିକଟସ୍ଥ ପୋଷ୍ଟ ଅଫିସରେ ମୋ ନାମରେ ଏକ ଆକାଉଣ୍ଟ ଖୋଲି ସେଥିରେ ରଖିଦେଇଛି। ମୋର ଖର୍ଚ୍ଚ ପାଇଁ କିଛି ଟଙ୍କା ଦରକାର ପଡ଼ିଲେ ମାମା କିମ୍ବା ବାବାଙ୍କ ପାଖରୁ ନେଇଥାଏ। ସଞ୍ଚୟ କରିଥିବା ଟଙ୍କାକୁ ଏବେ ଖର୍ଚ୍ଚ କରିବି ନାହିଁ। ମୁଁ ଯେତେବେଳେ ଅଧିକ ପାଠ ପଢ଼ିବି, ସେତେବେଳେ ଏହା ମୋତେ ନିଶ୍ଚୟ ସାହାଯ୍ୟ କରିବ।


– **ଆଦର୍ଶ ମହାନ୍ତି,** କ୍ଲାସ-୬, କଳିଙ୍ଗ ଇଂଲିଶ ମିଡିୟମ୍ ସ୍କୁଲ୍, କଲରାବାଙ୍କ, କଟକ



୧



୨


୩


୪


୫


୬


୭


୧
**ଅନ୍ୟା ଆରତ୍ରିକା ପଟେଲ**
କ୍ଲାସ୍-୨, ସେମଫୋର୍ଡ ସ୍କୁଲ, ବଲାଙ୍ଗୀର


୨
**ଇନା ଦାସ**
କ୍ଲାସ୍-୫, ମନ୍ଥନ ଇଣ୍ଟରନ୍ୟାଶନାଲ ସ୍କୁଲ, ହାଇଦ୍ରାବାଦ, ତେଲଙ୍ଗାନା


୩
**ଶ୍ରୀଅଂଶୁ ସାହୁ**
କ୍ଲାସ୍- ୭, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୋଲସରା, ଗଞ୍ଜାମ


୪
**ଅନିମେଶ ମିଶ୍ର**
କ୍ଲାସ୍- ୫, ଏଡୁକେୟାର ସ୍କୁଲ, ବାଣପୁର, ଖୋର୍ଦ୍ଧା


୫
**ସସ୍ମିତା ଲୋହର**
କ୍ଲାସ୍- ୫, ଗାରାମିଆନ ପ୍ରାଇମେରୀ ସ୍କୁଲ, ଯାଜପୁର


୬
**ଘନିଶ କୁମାର ବେହେରା**
କ୍ଲାସ୍- ୧, ପବ୍ଲିକ ସ୍କୁଲ, ଛତ୍ରପୁର, ଗଞ୍ଜାମ


୭
**ଶୁଭଲକ୍ଷ୍ମୀ ପାଣି**
କ୍ଲାସ୍- ୪, ଲିଟଲ ଷ୍ଟାର ଇଂଲିଶ ମିଡିୟମ୍ ସ୍କୁଲ, ଖୋର୍ଦ୍ଧା


୮
**ସୁବିମଲ ବାରିକ**
କ୍ଲାସ୍- ୯, ସେଣ୍ଟ ଜାଭିୟର ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର


୮



## ଭିଜିଲା ମାଟି

ମେଘ ବରଷିଲା ଝୁପୁରୁ ଝୁପୁରୁ
ଶୁଖା ମାଟି ହେଲା ବତର
ସୁନ୍ଦର ଦିଶିଲେ ଗଛ ପିନ୍ଧି ଦେହେ
ସବୁଜ କଅଁଳ ପତର ।
ବିଲ ନଈ ନାଳ ପୋଖରୀ ଗାଡ଼ିଆ
ପୂରିଗଲେ ଖାଲି ଜଳରେ
ବେଙ୍ଗ ବେଙ୍ଗୁଲିଏ ରଡ଼ି ପକେଇଲେ
ବସି ସାରୁବୁଦା ମୂଳରେ ।
ଘଡ଼ଘଡ଼ି ବାଜା ବାଜିଲା ଆକାଶେ
ବିଜୁଳି ଜାଳିଲା ରୋଶଣି
ସାଧବ ବୋହୂଟି ଚାଲିଲା ଅଷ୍ଟିରେ
ଭିଡି ତା' ନାଲିଆ ଖୋସଣୀ ।
ସୋନା ଲିତୁ ମେରୀ ରୋହନ ବବୁଲୁ
କାଗଜରେ ଡଙ୍ଗା ବନେଇ
ପାଣି ସୁଅ ଧାରେ ଭସେଇ ଦେଲେ ତ
କଳା ବଉଦକୁ ଅନେଇ ।
ସଞ୍ଜ ବେଳେ ମାଆ ଚୁଲି ମୁଣ୍ଡେ ବସି
ଗରମ ପକୁଡ଼ି ଛାଣିଲେ
ବଜାରରୁ କିଣି ବରଷା ପୋଷାକ
ବାପା ଆମ ପାଇଁ ଆଣିଲେ ।

**– ନିରାକାର ଚଇନି**
କଳିଗାଁ, ହାଟଡିହି, କେନ୍ଦୁଝର
ମୋ: ୮୨୪୯୩୮୭୯୭୩

## ବରଷାରାଣୀ

ବରଷା ରାଣୀ ଝରାଏ ପାଣି
କଳା ବଉଦର ଓଢ଼ଣା ଟାଣି ।
ଶୀତଳ ବାଆ ଛାଆଁକୁ ଛାଆଁ
ଦେହରେ ଲଗାଏ କଅଁଳ ଛୁଆଁ ।
ବେଙ୍ଗୁଲୀ ନାନୀ ଉଡ଼ାଇ କାନି
ସତେ ବାହାରିଚି ଯାତରା ଯାନି ।
କଟର କଟ ଭୁଟୁରୁ ଭାଟ
ଶବଦରେ ସିଏ କରୁଚି ନାଟ ।
ଇନ୍ଦରଧନୁ ଭୁଲେନା ମନୁ
ରଙ୍ଗରେ ବିଭୋର କପିଳା,ସୋନୁ ।
କାଗଜ ଡଙ୍ଗା ନୁହଟି ଭଙ୍ଗା
ସତେ କି ହୋଇଚି ସୁଅରେ ଟଙ୍ଗା ।
ବରଷା ରାଣୀ ଝରା ଲୋ ପାଣି
ଜଗତବାସୀଙ୍କ ମନକୁ ଜାଣି ।

**– ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ପାନପୋଷ, ରାଉରକେଲା
ମୋ: ୯୦୯୦୩୩୦୮୫୯

## ଶିଶୁଟିଏ ମୁହିଁ

ଶିଶୁଟିଏ ମୁହିଁ ଶିଶୁଟିଏ
ସଭିଙ୍କ ମୁଖର ହସଟିଏ ।
ନାହିଁ ଭେଦଭାବ ମନେ ମୋର
ସଭିଙ୍କୁ କରେ ଅତି ନିଜର ।
ସୁବାସିତ ଫୁଲ ବଗିଚାରେ
ମହକାଏ ମୁହିଁ ଚଉଦିଗେ ।
କଣ୍ଟା ନାହିଁ ମୋ ଦେହେ ଟିକିଏ
ପାପ ହିଂସାରୁ ଦୂରେ ମୁଁ ଥାଏ ।
ଶାନ୍ତ ପରିବେଶ ଚାହେଁ ସଦା
ମାଆ କୋଳେ ସୁଖେ ଯାଏ ନିଦ୍ରା ।
ନାଚୁ ଥାଏ ବୟସ ଢେଉରେ
ଦିନ ସରେ ଖେଳ କୌତୁକରେ ।
ବାଣୀରେ ମୋର ଥାଏ ମାଧୁର୍ଯ୍ୟ
ଭଗବାନଙ୍କ ଆଶିଷ ତୁଲ୍ୟ ।
ଆମେ ଏ ଦେଶର ଭବିଷ୍ୟତ
କରିବା କିଛି ତାହାରି ହିତ ।

**– ପ୍ରତିଭା ଦାଶ**
ଖରିଆର ରୋଡ୍, ନୂଆପଡ଼ା

## ଏଥରର ?

- ଆରବ ସାଗରରେ କେଉଁ ଦ୍ୱୀପ ରହିଛି ?
- ବାୟୁମଣ୍ଡଳରେ ନାଇଟ୍ରୋଜେନ୍‌ର ପରିମାଣ କେତେ ?
- ଚୁମ୍ବକର କେତୋଟି ପୋଲ୍ (ଦିଗ) ରହିଛି ?
- ବାୟୁମଣ୍ଡଳର ନିମ୍ନ ସ୍ତରର ନାମ ?
- ଭାରତରେ ସର୍ବପ୍ରଥମେ କେଉଁଠାରେ ସଭ୍ୟତା ଗଢ଼ି ଉଠିଥିଲା ?

## ଗତଥରର ଉତ୍ତର

- ୨୧୨ ଡିଗ୍ରୀ ଫାରେନ୍‌ହିଟ
- ୟେନ୍
- ଦକ୍ଷିଣ ଆମେରିକାର ଇକ୍ୱେଡର୍
- ଜର୍ମାନ, ଫ୍ରେଞ୍ଚ, ଇଟାଲିଆନ୍ ଓ ରୋମାନିଜ୍
- ଦୁଇଟି

## କହିଲ ଦେଖି

ଗ୍ରୀଷ୍ମକାଳ ଯେବେ ଆସଇ ମିତ
ସାଇଁ ସାଇଁ ଶବ୍ଦେ ଗାଏ ସେ ଗୀତ
ଖରା ଟାଣ ଯେବେ ହୁଅଇ ବେଶି
ଥଣ୍ଡା ପବନ ସେ ଦିଏ ପରଷି
ବିଜୁଳି ଅଟଇ ତା'ର ଆହାର
ତା' ପାଇଁ ଗରମୀ ହୁଅଇ ଦୂର
ଭାରି ଉପକାରୀ ଜିନିଷଟିଏ
କହି ପାରିବ କି ତା'ନାମ କିଏ ।



**ଉତ୍ତର– ପଙ୍ଖା**

ମାଟିରେ ତିଆରି ତା'ର ଶରୀର
ଯତନେ ଗଢଇ ତାକୁ କୁମ୍ଭାର
ଖରାଦିନେ ତା'ର ଭାରି ଆଦର
ପାଣିକୁ ରଖେ ସେ ଅତି ଶୀତଳ
ତା'ପାଣି ପିଇଲେ ମେଣ୍ଟଇ ଶୋଷ
କେବେ ନ ଆସଇ ଗଳାରେ କାଶ
ଏବେ କହିଦିଅ ନାମ ତାହାର
ଯିଏ କହିଦେବ ସିଏ ଚତୁର ।



**ଉତ୍ତର– ମାଠିଆ**

ଖରାଦିନେ ଯେବେ ବିଜୁଳି କଟେ
ଧରନ୍ତି ତାହାକୁ ସଭିଏଁ ହାତେ
କେଏଁ..କେଏଁ..କରି ବୁଲଇ ସିଏ
ଶୀତଳ ପବନ ପରଷି ଦିଏ
ତାଳପତ୍ର ଅବା ବୁଣା କପଡା
ହୋଇଥାଏ ତା'ର ଶରୀର ଗଢା
ତା'ଥଣ୍ଡା ପବନ ମଶା ମାଛିଙ୍କୁ
ଘଉଡାଇ ଦିଏ ଦୂର ଦୂରକୁ
ଗରମ ଖାଦ୍ୟକୁ କରେ ଶୀତଳ
କହିଦିଅ ତା'ର ନାମ ଚଞ୍ଚଳ ।



**ଉତ୍ତର– ବିଞ୍ଚଣା**

**– ସ୍ୱୟଂପ୍ରଭା ବେହେରା**
ବିଡାନାସୀ, କଟକ
ମୋ: ୯୭୭୭୫୨୯୨୭୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ






# ସର୍ବକନିଷ୍ଠ ମେନ୍‌ସା ସଦସ୍ୟ

କେତେକ ଥାନ୍ତି ଯେଉଁମାନେ ଅନ୍ୟମାନଙ୍କ ତୁଳନାରେ ଅତ୍ୟଧିକ ମେଧାସମ୍ପନ୍ନ ହୋଇଥାନ୍ତି। ଏଭଳି ଦକ୍ଷତା ପାଇଁ ସେମାନେ ଭିନ୍ନ ତ ହୋଇଥାନ୍ତି ଆଉ ତା' ସହିତ ବିଭିନ୍ନ ରେକର୍ଡର ଅଧିକାରୀ ହୋଇଯାନ୍ତି। ଠିକ୍ ଏମିତି ଏକ ଦକ୍ଷତା ପାଇଁ ଏବେ ମେନ୍‌ସା ସଦସ୍ୟ ହୋଇ ପାରିଛନ୍ତି ୨ ବର୍ଷର ବାଳକ ଯୋଶେଫ ହାରିସ୍ ବିରଟିଲ୍। ସର୍ବକନିଷ୍ଠ ମେନ୍‌ସା ସଦସ୍ୟଭାବରେ ତାଙ୍କୁ ଏହି ସମ୍ମାନ ମିଳିଛି। ବିଚକ୍ଷଣ ମେଧାସମ୍ପନ୍ନ (ଆଇକ୍ୟୁ) ପ୍ରତିଭାମାନଙ୍କୁ ମେନ୍‌ସାରେ ସଦସ୍ୟ ଭାବରେ ଗ୍ରହଣ କରାଯାଏ। ଏହି କ୍ଲବରେ ମେମ୍ବର ହେବା ପାଇଁ ଯୋଶେଫ ମାତ୍ର ୨ ବର୍ଷ ୧୮୨ ଦିନରେ ନିଜକୁ ଯୋଗ୍ୟ ପ୍ରମାଣିତ କରିଥିଲେ। ମାତ୍ର ୭ ମାସ ବୟସ ବେଳକୁ ସେ କଥା କହିବା ଆରମ୍ଭ କରିଥିଲେ। ଦେଢ ବର୍ଷ ବେଳକୁ ସେ ବଡ ପାଟିରେ ବହି ପଢି ପାରୁଥିଲେ। ୨ ବର୍ଷ ବେଳକୁ ଲଗାତର ୧୦ ମିନିଟ୍ ପଢୁଥିଲେ। ଏହା ସହିତ ୧୦୦ ପର୍ଯ୍ୟନ୍ତ ସଂଖ୍ୟାକୁ ସେ କ୍ରମାନ୍ୱୟରେ ଓ ପଛୁଆ ମଧ କହି ପାରୁଥିଲେ। ୫ଟି ଭାଷାରେ କେତେକ ସଂଖ୍ୟା ବି କହି ପାରୁଥିଲେ। ଏହି ଅସାଧାରଣ ଦକ୍ଷତା ଦେଖି ତାଙ୍କ ଅଭିଭାବକ ମେନ୍‌ସାର ସଦସ୍ୟତା ପାଇଁ ଆବେଦନ କରିଥିଲେ। ଯୋଶେଫଙ୍କ ପୂର୍ବରୁ ୨୦୨୩ ମସିହାରେ ୨ ବର୍ଷ ୧୯୫ ଦିନରେ ମେନ୍‌ସା ସଦସ୍ୟ ହୋଇ ଏହି ରେକର୍ଡ କରିଥିଲେ ଇସ୍‌ଲା ଏମ୍‌ସି ନାବ୍।

# କଙ୍କାଳର ଗତି

**''ଆମ ଶରୀରରେ ଆବଶ୍ୟକତା ଅନୁସାରେ ଅଲଗା ଅଲଗା ପ୍ରକାରର ଗଣ୍ଠି ଅଛି। ଆମ ଜଙ୍ଘ ଓ କାନ୍ଧରେ ଥିବା ଗଣ୍ଠିକୁ ବଲ୍ ଏବଂ ସକେଟ୍ ଗଣ୍ଠି କୁହାଯାଏ । ଏହି ପ୍ରକାର ଗଣ୍ଠି ଯୋଗୁ ଆମେ ଏହି ଦୁଇ ଅଙ୍ଗକୁ ଯେକୌଣସି ଦିଗକୁ ଏବଂ ଏକ ସମ୍ପୂର୍ଣ୍ଣ ବୃତ୍ତାକାର କୋଣରେ ଘୂରାଇପାରନ୍ତି। ସୁତରାଂ ଏହି ଗଣ୍ଠିର ଗତିଶୀଳତା ଅନ୍ୟ ଗଣ୍ଠି ତୁଳନାରେ ସବୁଠାରୁ ବେଶୀ । ସେହିପରି ଆମ ଆଙ୍ଗୁଠି, ଆଣ୍ଠୁ ଓ କହୁଣିରେ ଥିବା ଗଣ୍ଠିକୁ ହିଂଜ ବା କବଜା ଗଣ୍ଠି ବୋଲି କୁହାଯାଏ ।''**



ମୁନା ସେଦିନ ବାପାଙ୍କ ସାଙ୍ଗରେ ବିଜ୍ଞାନ କେନ୍ଦ୍ର ବୁଲି ଯାଇଥିଲା। ସେ ବିଜ୍ଞାନ ଗ୍ୟାଲେରିରେ ବୁଲୁବୁଲୁ ଗୋଟିଏ ପ୍ରଦର୍ଶନ ପାଖରେ ଅଟକିଗଲା । ପ୍ରଦର୍ଶନର ଶୀର୍ଷକ ଥିଲା କଙ୍କାଳର ଗତି । ଦେଖିଲା ବେଳକୁ ପ୍ରଦର୍ଶନରେ ସତକୁସତ ଗୋଟିଏ ନରକଙ୍କାଳ ଏକ ସାଇକେଲ ଉପରେ ବସିଥିଲା । ମୁନା ନରକଙ୍କାଳଟିକୁ ଦେଖି ଡରିଗଲା । ପାଖରେ ଆଉ ଗୋଟିଏ ଖାଲି ସାଇକେଲ ମଧ୍ୟ ଥିଲା । ମୁନା ସାହସ ସଞ୍ଚୟ କରି ସେ ସାଇକେଲ ଉପରେ ବସି ପେଡାଲ ଚାଳନା କଲା । ଆଶ୍ଚର୍ଯ୍ୟଜନକ ଭାବେ ନରକଙ୍କାଳଟି ମଧ୍ୟ ତାକୁ ଅନୁକରଣ କରି ସାଇକେଲ ଚାଳନା କରିବାକୁ ଲାଗିଲା । ଏହା ଦେଖି ମୁନା ଆହୁରି ଡରି ଗଲା । ସେ ସାଇକେଲ ଛାଡ଼ି ଦଉଡ଼ି ଆସି ବାପାଙ୍କୁ କୁଣ୍ଢେଇ ପକାଇଲା ।

ବାପା କହିଲେ, 'ଡରିବାର କୌଣସି କାରଣ ନାହିଁ । ଏହା ସତ ନରକଙ୍କାଳ ନୁହେଁ । ଏହା ଏକ ବିଜ୍ଞାନ ପ୍ରଦର୍ଶନ ମାତ୍ର । ଆମ ଶରୀରରେ ଥିବା ବିଭିନ୍ନ ଗଣ୍ଠିର ଗତି ବୁଝିବା ପାଇଁ ପ୍ରଦର୍ଶନରେ ଏହି ନରକଙ୍କାଳର ବ୍ୟବସ୍ଥା କରାଯାଇଛି ।' ମୁନା ସାହସ କରି ପଚାରିଲା, 'ବାପା, ଆମ ଶରୀରରେ ଥିବା ଗଣ୍ଠିଗୁଡ଼ିକ ପ୍ରକୃତରେ କ'ଣ ? ଏହା ଆମକୁ ସାହାଯ୍ୟ କରେ କିପରି ?'

ବାପା କହିଲେ, 'କହୁଛି ଶୁଣ। ଆମ ଶରୀରରେ ଦୁଇଟି ଅସ୍ଥି ଯୋଡ଼ା ଯାଇଥିବା ଅଂଶକୁ ଗଣ୍ଠି କହନ୍ତି । ଏହି ଗଣ୍ଠି ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ଗତିଶୀଳତା ସୃଷ୍ଟି ହୁଏ । ଗଣ୍ଠି ନ ଥିଲେ ଆମେ ଶରୀରର କୌଣସି ଅଙ୍ଗକୁ ଗତି କରିପାରନ୍ତେ ନାହିଁ ଏବଂ ଦୈନନ୍ଦିନ ଜୀବନରେ ବହୁତ ଅସୁବିଧା ହୁଅନ୍ତା । ତେବେ ଏହି ନରକଙ୍କାଳର ସାଇକେଲଚାଳନା କ୍ରିୟା ଦ୍ୱାରା ଆମ ଶରୀରରେ ଥିବା ଗଣ୍ଠିଗୁଡ଼ିକର ଗତି ବୁଝାପଡୁଛି ।'

ମୁନା ସେଇଠୁ ପଚାରିଲା, 'ବାପା ! ଆମ ଶରୀରରେ କ'ଣ କେବଳ ଗୋଟିଏ ପ୍ରକାର ଗଣ୍ଠି ଅଛି ନା ଅଲଗା ଅଲଗା ପ୍ରକାର ଗଣ୍ଠି ଅଛି ?' ବାପା କହିଲେ, 'ଭଲ ପ୍ରଶ୍ନଟିଏ ପଚାରିଲୁ, ବୁଝାଇ କହୁଛି ଶୁଣୁ । ଆମ ଶରୀରରେ ଆବଶ୍ୟକତା ଅନୁସାରେ ଅଲଗା ଅଲଗା ପ୍ରକାରର ଗଣ୍ଠି ଅଛି । ଆମ ଜଙ୍ଘ ଓ କାନ୍ଧରେ ଥିବା ଗଣ୍ଠିକୁ ବଲ୍ ଏବଂ ସକେଟ୍ ଗଣ୍ଠି କୁହାଯାଏ। ଏହି ପ୍ରକାର ଗଣ୍ଠି ଯୋଗୁ ଆମେ ଏହି ଦୁଇ ଅଙ୍ଗକୁ ଯେକୌଣସି ଦିଗକୁ ଏବଂ ଏକ ସମ୍ପୂର୍ଣ୍ଣ ବୃତ୍ତାକାର କୋଣରେ ଘୂରାଇପାରୁ । ସୁତରାଂ ଏହି ଗଣ୍ଠିର ଗତିଶୀଳତା ଅନ୍ୟ ଗଣ୍ଠି ତୁଳନାରେ ସବୁଠାରୁ ବେଶୀ। ସେହିପରି ଆମ ଆଙ୍ଗୁଠି, ଆଣ୍ଠୁ ଓ କହୁଣିରେ ଥିବା ଗଣ୍ଠିକୁ ହିଂଜ ବା କବଜା ଗଣ୍ଠି କୁହାଯାଏ । ଏହା ଏକ କବାଟର କବଜା ଭଳି କେବଳ ଗୋଟିଏ ମାତ୍ର ତଳରେ ଗତି କରିବାରେ ସକ୍ଷମ। ଏହା ଶରୀରକୁ ବଙ୍କେଇ ହେବା କିମ୍ବା ସିଧା ହେବା ପ୍ରକ୍ରିୟାରେ ସହାୟକ ହୋଇଥାଏ। ସେହିପରି ଆମ ବେକରେ ଥିବା ଗଣ୍ଠିକୁ ପିଭଟ ଗଣ୍ଠି କୁହାଯାଏ । ଏହା କେବଳ ଏକ ଅକ୍ଷ ଚାରିପଟେ ବିଭିନ୍ନ ଦିଗରେ ଘୂରିବାକୁ ସକ୍ଷମ। ଏହି ଗଣ୍ଠି ଜରିଆରେ ଆମେ ଆମ ବେକକୁ ବିଭିନ୍ନ ଦିଗରେ ଘୂରାଇପାରୁ । ତୁ ଏହି କଙ୍କାଳର ସାଇକେଲ ଚାଳନା ପ୍ରକ୍ରିୟା ଭଲକରି ଲକ୍ଷ୍ୟ କର । ଏହି କ୍ରିୟା ଦ୍ୱାରା କଙ୍କାଳର ବିଭିନ୍ନ ଗଣ୍ଠିର କିପରି ଗତିଶୀଳତା ସୃଷ୍ଟି ହେଉଛି ବୁଝିପାରିବୁ । ଏହି ସମାନ ପ୍ରକ୍ରିୟା ଆମ ଶରୀରର ଗଣ୍ଠିଗୁଡ଼ିକ କ୍ଷେତ୍ରରେ ଘଟୁଥିବାରୁ ଆମେ ଦୈନନ୍ଦିନ ଜୀବନରେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଆବଶ୍ୟକତା ମତେ ଚାଳନା କରିବାରେ ସକ୍ଷମ ହୋଇଥାଉ ।' ବାପା ବୁଝାଇ ଦେଲେ ।

ବାପାଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇ ମୁନା ଡର ଛାଡ଼ି ନରକଙ୍କାଳ ସହିତ ସାଇକେଲ ଚଳାଇ ନିଜର ବଳ କଷିଲା ଏବଂ ଏହି ପ୍ରଦର୍ଶନକୁ ଢେର ଉପଭୋଗ କଲା। ସୁତରାଂ ଘରକୁ ଫେରିଲା ବେଳକୁ ତା'ର ମନ ଭାରି ଖୁସିଥାଏ ସେଦିନ ।

**– ନିକୁଞ୍ଜ ବିହାରୀ ସାହୁ**
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪





# ବର୍ଷାଦିନେ ବେଙ୍ଗରଡ଼ି



ବର୍ଷାଦିନ ଆସିଲେ ଆରମ୍ଭ ହୋଇଯାଏ ବେଙ୍ଗମାନଙ୍କର କେଁ କଟର ରଡି। ବେଳେବେଳେ ଏହି ରଡି ବେଶ୍ ବିକଟାଳ ଶୁଭେ। ତେବେ କେତେକ ବେଙ୍ଗ ଏତେ ଜୋର୍‌ରେ ରଡ଼ି କରନ୍ତି ଯେ, ବିଳମ୍ବିତ ରାତିରେ ତାହା ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଶୁଭିଥାଏ। ବିଶେଷଭାବରେ ରାତି ହେଲା ମାତ୍ରେ ଏମାନେ ଜୋର୍‌ରେ ରଡି କରିଥା'ନ୍ତି। ଏହି ଦିନରେ ଶବ୍ଦଟି ଆହୁରି ଅଧିକ ବେଗରେ ଶୁଭିଥାଏ। କେବେକେବେ ଲାଗିଥାଏ ଯେମିତି ବେଙ୍ଗ ପାଖରେ ବସି ରଡ଼ି ଛାଡୁଛି। ଏହା ପଛରେ ମଧ୍ୟ କେତୋଟି କାରଣ ରହିଛି। ମଧ୍ୟପ୍ରଦେଶର ପ୍ରାଣୀ ବିଶେଷଜ୍ଞ ମନିଷ ସିହ୍ନା କୁହନ୍ତି– ବର୍ଷାଦିନ ଆସିବାମାତ୍ରେ ଯେତେବେଳେ ବର୍ଷା ହୁଏ ଆଉ ସେହି ବର୍ଷା ପାଣି ଯେବେ ଜମା ହେବାକୁ ଲାଗେ, ସେହିଠାରେ ମାଈ ବେଙ୍ଗ ପୁରୁଷ ବେଙ୍ଗକୁ ଆକର୍ଷିତ କରିବାକୁ ରଡ଼ି କରିଥାଏ। କେବେକେବେ ଏହି ରାବ ଖାଦ୍ୟ ପ୍ରତିଯୋଗିତାକୁ ନେଇ ମଧ୍ୟ ହୋଇଥାଏ। ଆଉ କେବେ ଗୋଟେ ବେଙ୍ଗ ଆଉ ଗୋଟେ ବେଙ୍ଗକୁ ଚ୍ୟାଲେଞ୍ଜ କରିବା ଲାଗି ଏପରି ରଡ଼ିକରିଥାଏ। ଆଉ ଗୋଟେ କାରଣ ହେଲା– ଗୋଟେ ବେଙ୍ଗ ଅନ୍ୟ ବେଙ୍ଗକୁ ସତର୍କ ରହିବାକୁ ମଧ୍ୟ ରଡ଼ି ଛାଡ଼ିଥାଏ। ଅଲଗା ଅଲଗା ଶବ୍ଦ କରି ଶତ୍ରୁ ଆସିବାର ସୂଚନା ମଧ୍ୟ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିଥାନ୍ତି। ଯେତେବେଳେ ବର୍ଷା ପାଣି ଚାରିଆଡ଼େ ଅଧିକ ଜମା ହୁଏ, ଏହି ସମୟରେ ଉକ୍ତ ଶବ୍ଦଟି ଆହୁରି ଅଧିକ ଶୁଭିଥାଏ।

## କିପରି ଜାଣିବେ
# ମିନେରାଲ ପାଣି

ଯେତେବେଳେ ଆମେ ବାହାରକୁ ଯାଉ, କୌଣସି ଜିନିଷ କିଣୁ, ତାହାର ଯାଞ୍ଚ ନିହାତି କରିଥାଉ। କିନ୍ତୁ ପାଣି ବୋତଲ କିଣିବା ସମୟରେ ଏପରି କରି ନ ଥାଉ। ମାତ୍ର ବୋତଲ ପାଣିର କ୍ୱାଲିଟି କିପରି ଚେକ୍ କରିବା ଆବଶ୍ୟକ। ଆଉ ଏହାକୁ କିପରି କରିବେ ସେ ସମ୍ପର୍କରେ ଜାଣନ୍ତୁ..। କେଉଁସ୍ଥାନକୁ ବୁଲିବାକୁ ଯିବା ସମୟରେ ଘରୁ ପାଣି ବୋତଲ ନେଇକି ଯାଇଥାଅ, ହେଲେ ଯଦି ଘରୁ ପାଣି ବୋତଲ ଆଣିବାକୁ ଭୁଲିଯାଅ, ତେବେ ବାଟରେ ପାଣି କିଣିଥାଅ। ଆଉ ଏହି ପାଣି ବୋତଲଟିରେ ମିନେରାଲ ପାଣି ଅଛି କି ନାହିଁ, ତାହା ଜାଣିବା ଲାଗି ତୁମକୁ ବୋତଲ ଉପରେ ଲେଖାଥିବା ପିଡବ୍ଲ୍ୟୁଏସ୍ ଶବ୍ଦକୁ ଖୋଜିବା ଏବଂ ବୁଝିବା ନିହାତି ଜରୁରୀ। ପିଡବ୍ଲ୍ୟୁଏସ୍ (PWS)ର ଅର୍ଥ ହେଲା ପବ୍ଲିକ୍ ୱାଟର ସୋର୍ସ। କିଛି ଦିନ ପୂର୍ବରୁ ଆମେରିକାର ଏକ କମ୍ପାନୀ ସ୍ୱୀକାର କରିଥିଲା ଯେ, ମିନେରାଲ ୱାଟର ନୁହେଁ ତାହା ଥିଲା ନଳପାଣି। ଏହା ପରେ କମ୍ପାନୀ ଆଦେଶ ଦେଇଥିଲା ଯେ, ଏଣିକି ସବୁବେଳେ ପାଣି ବୋତଲରେ ପିଡବ୍ଲ୍ୟୁଏସ୍ ଲେଖିକି ଦେବେ। ଏହାର ଅର୍ଥ ହୋଇଥାଏ ଏହା ସାର୍ବଜନିକ ଜଳସ୍ରୋତରୁ ପାଣି ନିଆଯାଇଛି ନା ମିନେରାଲ ୱାଟର। ପ୍ରତ୍ୟେକ ପାଣି ବୋତଲ ଉପରେ ସୋର୍ସ ନିଶ୍ଚିତ ରୂପେ ଲେଖାଯାଇଥାଏ। ଏଥିପାଇଁ ପାଣି ବୋତଲ କିଣିବା ସମୟରେ ସ୍ପ୍ରିଙ୍ଗ ୱାଟର ଭଳି ଶବ୍ଦ ନିଶ୍ଚିତ ଦେଖିନିଅନ୍ତୁ। ଏଥିସହ ଆଇଏସ୍ଆଇ ମାର୍କ କିମ୍ବା ଏଫ୍ଏସ୍ଏସ୍ଏଆଇ ଲେଖା ହୋଇଥିବାର ଦେଖନ୍ତୁ।



# ଆ ଇ ନା



ଲିକିତା ବାରିକ
୭ବର୍ଷ, କେନ୍ଦୁଝର



ମୟଙ୍କ ପଟ୍ଟନାୟକ
୧୨ ବର୍ଷ, କୋଲକାତା